# NATIONAL NEWS BULLETIN (ODIA)

**7 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହୋଇଛି ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ - କହିଲେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

- ବିଶ୍ୱ ବାଣିଜ୍ୟ ସଂଗଠନ ସହିତ ଏକ ଉନ୍ମୁକ୍ତ, ନିରପେକ୍ଷ ଓ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛି ଭାରତ ।

- ଆଜି ରାତିରେ ଦୃଶ୍ୟମାନ ହେବ ଚଳିତବର୍ଷର ସବୁଠାରୁ ଲମ୍ବା ଚନ୍ଦ୍ରଗ୍ରହଣ ।

- ନୂତନ ଶୁଳ୍କନୀତି ଲାଗୁ ହେବା ପରେ ଆମେରିକାକୁ ଡାକ ପରିବହନ ୮୦ ପ୍ରତିଶତରୁ ଅଧିକ ହ୍ରାସ ।

ଏବଂ

- ପୁରୁଷ ଏସିଆକପ୍ ହକି ଚମ୍ପିଆନ୍‌ସିପ୍‌ର ଟାଇଟଲ ହାସଲ ପାଇଁ ଆଜି ଭାରତ-କୋରିଆ ମଧ୍ୟରେ ହେବ ମୁକାବିଲା ।

## ଫିଟ୍ ଇଣ୍ଡିଆ ମାଣ୍ଡବ୍ୟ

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ ଦେଶବ୍ୟାପୀ ଏକ ଜନ ଆନ୍ଦୋଳନରେ

ପରିଣତ ହୋଇଛି । ସେ କହିଛନ୍ତି ସୁସ୍ଥ ଓ ନିରୋଗ ରହିବା ଏବଂ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାରକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ।  ସମାରୋହରେ ୫୦ରୁ ଅଧିକ ସାଂସଦ ଯୋଗ ଦେଇଥିଲେ । ଚଳିତବର୍ଷ ଫିଟ୍ ଇଣ୍ଡିଆ : ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମର ବାର୍ତ୍ତା ରହିଛି ‘ଗର୍ବ ସେ ସ୍ୱଦେଶୀ’ । ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀସ୍ଥିତ ଭାରତୀୟ ରେଳବାଇର ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ଦେଶର ବିଭିନ୍ନ ଭାଗରେ ଥିବା ୮ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଆଜି ଏକକାଳୀନ ଭାବେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସାଇକଲ ଚାଳନା ଦ୍ୱାରା ଏକ ଉତ୍ତମ ବ୍ୟାୟାମ ହେବା ସହ ପରିବେଶ ପ୍ରଦୂଷଣକୁ ବହୁମାତ୍ରାରେ ରୋକାଯାଇପାରୁଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି ଜିଏସ୍‌ଟି ସଂସ୍କାର ଫଳରେ ବାଇସାଇକଲ କ୍ରୟ ଉପରେ ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମାଇ ଦିଆଯାଇଛି ।

## ଜିଏସ୍‌ଟି

ଦେଶର ସାଧାରଣ ନାଗରିକଙ୍କୁ ଦୃଷ୍ଟିରେ ରଖି ଜିଏସ୍‌ଟି ପରବର୍ତ୍ତୀ ପୀଢ଼ି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୨୨ ତାରିଖରୁ ଏହା କାର୍ଯ୍ୟକାରୀ ହେବ । ଜିଏସ୍‌ଟି ପରିଷଦର ଗତ ବୁଧବାର ଅନୁଷ୍ଠିତ

ବୈଠକରେ ଟିକସ ହାର ହ୍ରାସ କରିବା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବହୁ କ୍ଷେତ୍ରୀୟ ସଂସ୍କାର ଘୋଷଣା କରିଛି । ଗତ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀପାବଳି ସୁଦ୍ଧା ପରବର୍ତ୍ତୀ ପୀଢ଼ି ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ । ଜିଏସ୍‌ଟି ପରିଷଦ ବୈଠକରେ ଚାରିସ୍ତରୀୟ ଟିକସ ହାର ବ୍ୟବସ୍ଥାକୁ ହ୍ରାସ କରାଯାଇ ଦୁଇଟି ସ୍ତରରେ ସୀମିତ ରଖାଯାଇଛି । ନାଗରିକଙ୍କ ଜୀବନଧାରଣର ମାନକ ଉନ୍ନତ କରିବା ଏବଂ ଟିକସ ଦାଖଲ ପ୍ରକ୍ରିୟାକୁ ଅଧିକ ସରଳ କରିବା ଲକ୍ଷ୍ୟ ନେଇ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ ସଂସ୍କାରମୂଳକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ୩୩ଟି ଜୀବନରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ୧୨ ପ୍ରତିଶତରୁ ଶୂନ୍ୟକୁ ହ୍ରାସ ଏବଂ କର୍କଟ ତଥା କେତେକ ବିରଳ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ୩ଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରୁ ଟିକସ ହାରକୁ ୫ ପ୍ରତିଶତରୁ ଶୂନ୍ୟକୁ ହ୍ରାସ କରାଯାଇଛି । ଜିଏସ୍‌ଟି ହାରରେ ସଂଶୋଧନକୁ ସମାଜର ବିଭିନ୍ନ ବର୍ଗ ସ୍ୱାଗତ କରିଛନ୍ତି । ଚିକିତ୍ସା ଉପକରଣ ଉପରେ ଜିଏସ୍‌ଟି ହ୍ରାସ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚକୁ ହ୍ରାସ କରିବା ସହ ଏହାର ସୁଫଳ ସିଧାସଳଖ ନାଗରିକ ସମାଜ ପାଇବ ବୋଲି ଆଶା କରାଯାଉଛି ।

# ଇଣ୍ଡିଆ-ଏସ୍‌ସିଓ ଟ୍ରେଡ୍ ମିଟ୍

ବିଶ୍ୱ ବାଣିଜ୍ୟ ସଂଗଠନ ସହିତ ଏକ ଉନ୍ମୁକ୍ତ, ନିରପେକ୍ଷ ଏବଂ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ପ୍ରତି ଭାରତ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି । ଭ୍ଲାଡିଭୋଷ୍ଟକଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଏସ୍‌ସିଓ ବାଣିଜ୍ୟ ମନ୍ତ୍ରୀଙ୍କ ବୈଠକରେ ଭାରତ ଏହା ପ୍ରକାଶ କରିଛି । ଏସୀୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସମନ୍ୱିତ ଶକ୍ତିକୁ ବ୍ୟବହାର କରାଯିବା ସହ ସହଭାଗିତା ବୃଦ୍ଧି ଉପରେ ଭାରତ ଗୁରୁତ୍ୱପ୍ରଦାନ କରିଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ରପ୍ତାନୀ ବିବିଧତା, ନିର୍ଭରଶୀଳତା ହ୍ରାସ ଏବଂ ନିରନ୍ତର ଯୋଗାଣ ଶୃଙ୍ଖଳ ସୃଷ୍ଟି ଉପରେ ଭାରତ ଧ୍ୟାନ କେନ୍ଦ୍ରୀଭୂତ କରିଛି । ବୈଠକରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଚିବ ଅମିତାଭ କୁମାର ବିକାଶ କୈନ୍ଦ୍ରିକ ଢ଼ାଞ୍ଚା ଉପରେ ଆଲୋକପାତ କରିଛନ୍ତି । ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଗୁଡ଼ିକର ଅଧିକ ଅଂଶଗ୍ରହଣ ଉପରେ ଶ୍ରୀ କୁମାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିପାଇଁ ଆବଶ୍ୟକ ନୀତି ଏବଂ ସ୍ୱଚ୍ଛତା ସହିତ ବାଣିଜ୍ୟ ଓ ଦକ୍ଷ ମାନବସମ୍ବଳର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି ।

# ଚନ୍ଦ୍ରଗ୍ରହଣ

ଚଳିତବର୍ଷର ସବୁଠାରୁ ଲମ୍ବା ଏବଂ ଦୁଷ୍ପ୍ରାପ୍ୟ ଚନ୍ଦ୍ରଗ୍ରହଣ ଆଜି ରାତିରେ ଦୃଶ୍ୟମାନ ହେବ । ଏହି ଚନ୍ଦ୍ରଗ୍ରହଣ ଭାରତର ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବେଙ୍ଗାଲୁରୁ ସମେତ ଏସିଆ ମହାଦେଶ, ଅଷ୍ଟ୍ରେଲିଆ, ପୂର୍ବ ଆଫ୍ରିକା ଏବଂ ୟୁରୋପର କେତେକ ସ୍ଥାନରେ ପରିଦୃଶ୍ୟ ହେବ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଚନ୍ଦ୍ରଗ୍ରହଣ ଆଜି ରାତି ୮ଟା ୫୮ ମିନିଟ୍‌ରୁ ୨ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଦେଖାଯିବ ।

ସୂର୍ଯ୍ୟ ଏବଂ ଚନ୍ଦ୍ରର ମଧ୍ୟଭାଗରେ ପୃଥିବୀ ଉଭା ହେଲେ ଚନ୍ଦ୍ରଉପରେ ଏକ ଛାୟା ପ୍ରତିଫଳିତ ହୁଏ ଏବଂ ଏହା ପୂର୍ଣ୍ଣିମା ରାତ୍ରିରେ ବିଶେଷ ଭାବରେ ପରିଦୃଶ୍ୟ ହୁଏ । ସୂର୍ଯ୍ୟଙ୍କଠାରୁ ଆସୁଥିବା ଏକ ଲାଲ ଆଲୋକ ରଶ୍ମି ପୃଥିବୀ ଉପରେ ପଡିଲେ ତାହାର ଛାୟା ଚନ୍ଦ୍ରଙ୍କ ଉପରେ ପ୍ରତିଫଳିତ ହେବାରୁ ଏହି ଚନ୍ଦ୍ରଗ୍ରହଣ ହେଉଥିବା ଜ୍ୟୋତିର୍ବିଜ୍ଞାନୀମାନେ ମତ ଦିଅନ୍ତି ।

# ୟୁଏସ୍-ପୋଷ୍ଟାଲ ଟାରିଫ

ନୂତନ ଶୁଳ୍କ ନୀତି ଲାଗୁ ହେବା ପରେ ଆମେରିକାକୁ ଡାକ ପରିବହନ ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଜାତିସଂଘର ଏକ ସଂସ୍ଥା ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ-ୟୁ.ପି.ୟୁ କହିଛି ଅଗଷ୍ଟ ୨୯ ତାରିଖରୁ ଆମେରିକା ଡାକବିଭାଗ ନେଇ ନୂତନ ଶୁଳ୍କ ନୀତି ଲାଗୁ କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଦୀର୍ଘକାଳୀନ ନିୟମରେ ପରିବର୍ତ୍ତନ ଏହାର ଏକ କାରଣ

ହୋଇଛି । ନୂତନ ଶୁଳ୍କ ନୀତି ଅନୁଯାୟୀ ୮୦୦ ଆମେରିକୀୟ ଡଲାରରୁ କମ୍ ମୂଲ୍ୟର କ୍ଷୁଦ୍ର ପ୍ୟାକେଜ୍ ଗୁଡ଼ିକୁ ଶୁଳ୍କମୁକ୍ତ ଘୋଷଣା କରାଯାଇଥିଲା । ତେବେ ପୂର୍ବ ନିୟମ ୧୯୩୮ ମସିହାରୁ ଆରମ୍ଭ ହୋଇଥିଲା । ୨୦୨୪ ମସିହା ସୁଦ୍ଧା ଡାକଯୋଗେ ଆମେରିକାକୁ ପରିବହନ ୧ ଦଶମିକ ୩/୬ ବିଲିୟନ ପ୍ୟାକେଜ୍‌କୁ ବୃଦ୍ଧି ପାଇଥିଲା । ଶୁଳ୍କ ବୃଦ୍ଧି ନେଇ ତୁରନ୍ତ ନିଷ୍ପତ୍ତି ନିଆଯିବାରୁ ପରିଚାଳକଙ୍କୁ ପ୍ରସ୍ତୁତ ହେବାପାଇଁ ପର୍ଯ୍ୟାପ୍ତ ସମୟ ମିଳିନାହିଁ । ଫଳରେ ଆମେରିକାକୁ ଡାକ ପରିହବନ କ୍ଷେତ୍ର ଗୁରୁତର ବାଧାପ୍ରାପ୍ତ ହୋଇଛି । ଇତିମଧ୍ୟରେ ୮୮ଜଣ ଡାକ ପରିଚାଳକ ଆମେରିକାକୁ ପାର୍ଶଲ ପଠାଇବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ବନ୍ଦ କରିଦେଇଛନ୍ତି । ଏଥିମଧ୍ୟରେ ଭାରତ, ମେକ୍ସିକୋ, ଜର୍ମାନୀ, ଫ୍ରାନ୍ସ, ସ୍ପେନ୍, ଇଟାଲୀ, ଅଷ୍ଟ୍ରେଲିଆ, ଜାପାନ, ତାଇୱାନ ଓ ସୁଇଜରଲ୍ୟାଣ୍ଡ ଭଳି ଦେଶ ଅନ୍ତର୍ଭୁକ୍ତ ବୋଲି ୟୁପିୟୁ କହିଛି । ତେବେ ଡାକ ବିତରଣକୁ ପୁନଃ ସ୍ଥାପନ କରିବା ନେଇ ରହିଥିବା ଆହ୍ୱାନ ଗୁଡ଼ିକ ଉପରେ ପ୍ରୟାସ ଜାରି ରହିଛି ବୋଲି ୟୁପିୟୁ ସୂଚନା ଦେଇଛି ।

## ରୁଷ୍-ୟୁକ୍ରେନ୍ ଆଟାକ

ୟୁକ୍ରେନ୍‌ର ରାଜଧାନୀ କିଭ୍ ଉପରେ ରୁଷିଆର ଏକ କ୍ଷେପଣାସ୍ତ୍ର ଆକ୍ରମଣ ଫଳରେ ଅତିକମ୍‌ରେ ୩ଜଣ ବ୍ୟକ୍ତିଙ୍କର ପ୍ରାଣହାନୀ ଘଟିଥିବାବେଳେ

୧୮ଜଣ ଆହତ ଏବଂ ଅନେକଗୁଡ଼ିଏ କୋଠା ଭାଙ୍ଗିରୁଜି ଯାଇଛି । ସୂଚନା ଅନୁଯାୟୀ ଏହି ଆକ୍ରମଣ ଫଳରେ ହଠାତ୍ ସ୍ଥାନୀୟ ଅଞ୍ଚଳରେ ନିଆଁ ଲାଗିଯାଇଥିଲା । ରୁଷିଆ ଏହି ଯୁଦ୍ଧରୁ ବିରତ ରହିବା ନିମନ୍ତେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର କୂଟନୈତିକ ପଦକ୍ଷେପ ଅଦ୍ୟାବଧି ଫଳପ୍ରଦ ହୋଇନଥିବା ଜଣାଯାଇଛି । ସୂଚନାଯୋଗ୍ୟ ରୁଷ୍-ୟୁକ୍ରେନ୍ ଯୁଦ୍ଧ ସାଢ଼େ ୩ ବର୍ଷ ଧରି ଲାଗିରହିଛି ।

## ଜାପାନ ପିଏମ୍ ରିଜାଇନ୍

ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗତ ଜୁଲାଇ ମାସରେ ହୋଇଥିବା ନିର୍ବାଚନରେ ଇସିବାଙ୍କ ଲିବରାଲ ଡେମୋକ୍ରାଟିକ ପାର୍ଟି ଏଲ୍‌ଡିପି ନେତୃତ୍ୱାଧୀନ ମେଣ୍ଟ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହ୍ରାସ ପରିପ୍ରେକ୍ଷୀରେ ଇସିବା ଏହି ନିଷ୍ପତ୍ତି ନେଇଛନ୍ତି । ସରକାରୀ ପ୍ରସାରଣ ସଂସ୍ଥା ଏନ୍‌ଏଚ୍‌କେ ଆଜି ଏ ସମ୍ପର୍କିତ ରିପୋର୍ଟ ପ୍ରଚାର କରିଛି ।  ତେବେ ନିର୍ବାଚନର ଫଳାଫଳ ଘୋଷଣା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ଇସିବା ଇସ୍ତଫା ଦେବାକୁ ଯୋଜନା କରୁଥିବା ସଂକ୍ରାନ୍ତ ରିପୋର୍ଟକୁ ଅସ୍ୱୀକାର କରିବାର ସପ୍ତାହକ ପରେ ଏଭଳି ରିପୋର୍ଟ ପ୍ରସାରଣ ହୋଇଛି । ଶ୍ରୀ ଇସିବା ଗତ ମଙ୍ଗଳବାର ଦିନ କହିଥିଲେ ଆମେରିକା ସହିତ ହୋଇଥିବା ଶୁଳ୍କ ଚୁକ୍ତିକୁ ଉପଯୁକ୍ତ

ଭାବେ କାର୍ଯ୍ୟକାରୀ କରିବାକୁ ସେ ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ନିର୍ବାଚନ ପରାଜୟର ଦାୟିତ୍ୱରେ ସେ ଉପଯୁକ୍ତ ସମୟରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଶ୍ରୀ ଇସିବା ତାଙ୍କ ବିବୃତ୍ତିରେ କହିଥିଲେ ।

## ଏସିଆ କପ୍

ପୁରୁଷ ଏସିଆ କପ୍ ହକି ଚମ୍ପିଆନ୍‌ସିପ୍‌ର ଟାଇଟଲ ହାସଲ ପାଇଁ ଭାରତ ଓ କୋରିଆ ମଧ୍ୟରେ ଆଜି ମୁକାବିଲା ହେବ । ବିହାରର ରାଜଗିରିଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଫାଇନାଲ ମ୍ୟାଚ୍ ଖେଳାଯିବ । ପୂର୍ବରୁ ୩ଥର ଏସିଆକପ୍ ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ଏବଂ ପୂର୍ବତନ ଚମ୍ପିଆନ କୋରିଆ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହେବ ବୋଲି ଆଶା କରାଯାଉଛି । ଚଳିତ ଏସିଆକପ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଛି । ସୁପର-୪ ପର୍ଯ୍ୟାୟରେ ଭାରତ ଦୃଢ଼ ପ୍ରତିଦ୍ୱନ୍ଦ୍ୱି ମାଲେସିଆ ଏବଂ ଚୀନ୍‌କୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି । ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ହକି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ନିଜର ସ୍ଥାନ ପକ୍କା କରିବ । ଟୁର୍ଣ୍ଣାମେଣ୍ଟର ତୃତୀୟ ସ୍ଥାନ ପାଇଁ ମାଲେସିଆ ଏବଂ ଚୀନ୍ ମଧ୍ୟରେ ସଂଧ୍ୟା ୫ଟାରେ ମ୍ୟାଚ୍ ଖେଳାଯିବ ।